# ପ୍ରଫୁଲ୍ଲ ମହାନ୍ତିଙ୍କୁ ସମ୍ମାନସୂଚକ ଫେଲୋଶିପ୍




ଲେଖକ ତଥା ଚିତ୍ରକର ପ୍ରଫୁଲ୍ଲ ମହାନ୍ତିଙ୍କୁ ସମ୍ମାନସୂଚକ ଫେଲୋଶିପ୍ ପ୍ରଦାନ କରାଯାଉଛି ।

**ଭୁବନେଶ୍ୱର, ୧୫।୧୧ (ବ୍ୟୁରୋ)**

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ନୂଆଦିଲ୍ଲୀସ୍ଥିତ ରବୀନ୍ଦ୍ର ଭବନରେ ଆୟୋଜିତ ପୁସ୍ତକ ମେଳା 'ପୁସ୍ତକାୟନ' ମଙ୍ଗଳବାର ପଞ୍ଚମ ଦିନରେ ପହଞ୍ଚିଛି। ଏହି ଅବସରରେ ସାହିତ୍ୟ ଏକାଡେମୀ ସଭାପତି ଚନ୍ଦ୍ରଶେଖର କାମ୍ବରଙ୍କ ଦ୍ୱାରା ଏକାଡେମୀ ପକ୍ଷରୁ ବିଶିଷ୍ଟ ଲେଖକ ତଥା ଚିତ୍ରକର ପ୍ରଫୁଲ୍ଲ ମହାନ୍ତିଙ୍କୁ ସମ୍ମାନସୂଚକ ଫେଲୋଶିପ୍ ପ୍ରଦାନ କରାଯାଇଛି। ସାହିତ୍ୟ ଏକାଡେମୀ ଉପାଧ୍ୟକ୍ଷ ମାଧବ କୌଶିକ, ଓଡ଼ିଆ ପରାମର୍ଶଦାତା ବୋର୍ଡର ସଂଯୋଜକ ବିଜୟାନନ୍ଦ ସିଂ ଏବଂ ସାହିତ୍ୟ ଏକାଡେମୀ ସଚିବ କେ. ଶ୍ରୀନିବାସ ରାଓ ପ୍ରମୁଖ ଯୋଗଦେଇ ଲେଖକ ମହାନ୍ତିଙ୍କ ଇଂଲିଶ ଭାଷାରେ ଭାରତୀୟ ସାହିତ୍ୟକୁ ଅବଦାନ ସମ୍ପର୍କରେ ଆଲୋଚନା କରିଛନ୍ତି। ଲେଖକ ମହାନ୍ତି କହିଛନ୍ତି, ଜଣେ ଗାଁ ପିଲା ଯିଏ ନିଜେ ଇଂଲିଶରେ ଲେଖିପଢ଼ି 'ମାଇଁ ଭିଲେଜ୍ ମାଇଁ ଲାଇଫ୍' ପୁସ୍ତକ ଲେଖିବା ଯେକୌଣସି ଗ୍ରାମର ଅଗ୍ରଗତି କରିଥିବା ପିଲାଙ୍କ ଲାଗି ଏକ ବଡ଼ ସଫଳତା। ଏହି ଅବସରରେ ଏକାଡେମୀ ପକ୍ଷରୁ ବାଲ୍ ସାହିତ୍ୟ ପୁରସ୍କାର ବିଜେତାଙ୍କୁ ନେଇ ଏକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଓଡ଼ିଆ ବିଭାଗରେ ବାଲ୍ ସାହିତ୍ୟ ପୁରସ୍କାର ବିଜେତା ନରେନ୍ଦ୍ର ପ୍ରସାଦ ଦାସ ଯୋଗଦେଇ କହିଥିଲେ, କିଶୋରାବସ୍ଥା ଏବଂ ପିଲାଙ୍କ ପାଇଁ ଲେଖିବା ଦୁଇଟି ଭିନ୍ନ କଥା। ଶିଶୁ ସାହିତ୍ୟ ଏପରି ହେବା ଆବଶ୍ୟକ, ଯାହା ପାଠକଙ୍କ ମଧ୍ୟରେ କଳ୍ପନା ଓ ସର୍ଜନାର କ୍ଷମତା ବଢ଼ାଇ ପାରିବ।


Ministry of Culture
महत्तर सदस्यता अर्पण
Presentation of Honorary